# କେଉଁ ଫୁଲେ

କେଉଁ ଫୁଲେ ତୁମ ଗଭା
          ମଣ୍ଡିବି ଗୋ ପ୍ରିୟା ?
ଗୋଲାପ, ଚଂପା, କେତକୀ
          କୃଷ୍ଣ ଚୂଡା କିଆ ।

ଚଂପା ତୁମ ଦେହରଂଗ
          ଶ୍ରୀ ଅଂଗ ସୌଷ୍ଠବ
ଗୋଲାପ ଓଠେ, କେତକୀ
          ଶ୍ରୀ ଅଂଗ ସୌରଭ ।

କିଆ ଫୁଲେ ଠିଆ ବେଣ
          ମାନିବ ପ୍ରିୟାରେ
ଭୁରୁ ଭୁରୁ ଦେହ ବାସ୍ନା
          ମୋହିବ ପ୍ରିୟରେ ।

ଚୁପି ଚୁପି ସେ ଅଧରୁ
          ଝରେ ପ୍ରେମ ବନ୍ୟା
ପ୍ରିୟର କର୍ଣ୍ଣ ପୁଟରେ
          ବାଜି ଭାଷା ଧନ୍ୟା ।

ସରସ ମୁଖପଟଳ
          କମଳ ଆକୃତି
ଚକ୍ଷୁ ପଟଳେ ରାଜିତ
          କାଦମ୍ବିନୀ ଦ୍ୟୁତି ।

କବରୀ ମଝେ ରଜନୀ-
ଗଂଧା ପୁଷ୍ପ ବାସେ
ପ୍ରିୟରେ ମୋହିତ କରୁ
ସ୍ପନ୍ଦିତ ପରଶେ ।

ବିଭାବରୀ ଅଙ୍କେ ଖୋଜେ
ପ୍ରିୟ ତା ପ୍ରିୟାରେ
ଦିବସେ କାଳେ ମିଳନ
ନୋହିବ ପ୍ରିୟାରେ ।

ପ୍ରିୟ ପ୍ରିୟା ଦିବ୍ୟ ପ୍ରେମ
ଐଶ୍ୱରୀୟ ସୃଷ୍ଟି
ପାର୍ଥିବ ଜଗତ ତାରେ
ଦେଉ ଦିବ୍ୟ ଦୃଷ୍ଟି ।